## ସଂକ୍ଷେପରେ

### ବିଭୂତି ଜେନା ଗଞ୍ଜାମ ଭାଜପା ସଭାପତି



**ବ୍ରହ୍ମପୁର ଅଫିସ,୨୦।୧୨:** ଗଞ୍ଜାମ ସାଂଗଠନିକ ଜିଲା ଭାଜପା ନୂଆ ସଭାପତି ଭାବେ ଦଳର ବରିଷ୍ଠ ନେତା ବିଭୂତି ଭୂଷଣ ଜେନା ମନୋନୀତ ହୋଇଛନ୍ତି। ଏହା ପୂର୍ବରୁ ସେ ଭାଜପାର ଅନ୍ୟତମ ରାଜ୍ୟ ସମ୍ପାଦକ ଥିଲେ। ସନ୍ଧ୍ୟାରେ ଏହି ଘୋଷଣା ହେବା ପରେ ବ୍ରହ୍ମପୁରସ୍ଥ ଜିଲା କାର୍ଯ୍ୟାଳୟରେ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ବିଦାୟୀ ସଭାପତି କାହ୍ନୁ ଚରଣ ପତି, ଜିଲା କମିଟି ସଦସ୍ୟ ସୁନିଲ କୁମାର ସାହୁ, ପ୍ରଭାତ କିରଣ ଷଡ଼ଙ୍ଗୀ, ମଦନ ମୋହନ ପାତ୍ରଙ୍କ ସମେତ ଅରୁଣ କୁମାର ପଣ୍ଡା, ପ୍ରଦୀପ ମିଶ୍ର ଏବଂ ଅନେକ ମଣ୍ଡଳ ସଭାପତି ଜେନାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତୃଣମୂଳ ସ୍ତରରୁ ଏହି ଜିଲାରେ ଦଳର ସାଙ୍ଗଠନିକ ଅଧିକ ମଜଭୁତ କରିବା ଉପରେ ବିଭୂତି ଗୁରୁତ୍ୱ ଦେଇ ଆସୁଛନ୍ତି। ରବିବାର କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ରହିଛି। ସେଥିପାଇଁ ଏକ ପ୍ରସ୍ତୁତି ବୈଠକ ବିଭୁତିଙ୍କ ଉପସ୍ଥିତିରେ ଚାଲିଥିବା ବେଳେ ସେ ଜିଲା ସଭାପତି ହୋଇଥିବା ଖବର ପହଞ୍ଚିଥିଲା।

### ଡିପିପିଙ୍କୁ ସମ୍ବର୍ଦ୍ଧନା

**ବ୍ରହ୍ମପୁର ଅଫିସ,୨୦।୧୨:** ରାଜ୍ୟ କ୍ୟାଡର ସରକାରୀ ଓକିଲ ସଂଘର କର୍ମକର୍ତ୍ତା ନିର୍ବାଚନ ହୋଇଛି। ଏଥିରେ ଦକ୍ଷିଣାଞ୍ଚଳ ଡେପୁଟି ପବ୍ଲିକ ପ୍ରସିକ୍ୟୁଟର (ଡିପିପି) ଭାବେ ଥିବା ଜମେଶ୍ୱର ମିଶ୍ର ସମ୍ପାଦକ ନିର୍ବାଚିତ ହୋଇଛନ୍ତି। ବ୍ରହ୍ମପୁରସ୍ଥିତ ଗଞ୍ଜମ ଜିଲା ଜଜ୍ କ୍ୟାଡର ପିପି କାର୍ଯ୍ୟାଳୟରେ ସରକାରୀ ଓକିଲ ସଂଘ ରାଜ୍ୟ ସମ୍ପାଦକ ମିଶ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଜିଲା ଜଜ କୋର୍ଟରେ ପିପି ଥିବା ତ୍ରିଲୋଚନ ପରିଡା, ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ପିପି ନାରାୟଣ ପଣ୍ଡା, ଏପିପି ଜ୍ଞାନେନ୍ଦ୍ର ନାଥ ଜେନା, ଅନିଲ ସାହୁ, ଜ୍ଞାନ ରଞ୍ଜନ ତ୍ରିପାଠୀ, ଆରତୀ ପଟ୍ଟନାୟକ, ପି.ସୁବାସ ପାତ୍ର ସମେତ ବହୁ ସରକାରୀ ଓକିଲ ମିଶ୍ରଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ।

### ମୋବାଇଲ ଚୋରି ଘଟଣା, ଅଭିଯୁକ୍ତ ଗିରଫ

**ଗୋପାଳପୁର,୨୦।୧୨:** ଗୋପାଳପୁର ଥାନା ପୋଲିସ ମୋବାଇଲ ଚୋରି କରିଥିବା ଅଭିଯୋଗରେ ଶୁକ୍ରବାର ଜଣଙ୍କୁ କୋର୍ଟଚାଲାଣ କରିଛି। ସେ ହେଲେ ଜି.ରଘୁନାଥପୁର ଗ୍ରାମର ଏମ୍. ସନ୍ତୋଷ। ଗତ ୨୪ ସେପ୍ଟେମ୍ବରରେ ଆମ୍ବପୁଆସ୍ଥିତ ବୀମା ନଗରର ବିଜୟ କୁମାର ସାହୁ ମୋବାଇଲ ଦୋକାନ କରିଥିଲେ। ମଧ୍ୟରାତିରେ ଦୁର୍ବୃତ୍ତମାନେ କାନ୍ଥ ଭାଙ୍ଗି ମୋବାଇଲ ଓ ଅନ୍ୟାନ୍ୟ ସାମଗ୍ରୀ ଲୁଟି ଚମ୍ପଟ ମାରିଥିଲେ। ବିଜୟଙ୍କ ଏତଲା କ୍ରମେ ଗୋପାଳପୁର ପୋଲିସ ନଂ. ୧୦୯/୧୯ରେ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଚୋରି ହୋଇଥିବା ଫୋନ ଟ୍ରାକିଂରୁ ବ୍ରହ୍ମପୁର ବଡ଼ ବଜାର ଚନ୍ଦନବାଡ଼ ଅଞ୍ଚଳରୁ ସନ୍ତୋଷଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ୧୮ ମୋବାଇଲ ଜବତ ହୋଇଛି। ଗୋଳନ୍ଥରା ଥାନା ସିହଳା ରୋଡରେ ଥିବା ରାକେଶ କୁମାର ସାବତଙ୍କ ମୋବାଇଲ ଦୋକାନରୁ ନଭେମ୍ବର ୯ ତାରିଖ ରାତିରେ ଦାମୀ ମୋବାଇଲ ମଧ ଚୋରି କରିଥିବା ସନ୍ତୋଷ ପୋଲିସକୁ କହିଥିଲେ। ଏଥିରେ ଅନ୍ୟ ୨ ଜଣଙ୍କୁ ଚିହ୍ନଟ କରାଯାଇଛି ବୋଲି ପୋଲିସ କହିଛି।

### ଦେଶୀ ମଦ ଜବତ, ୨ କୋର୍ଟଚାଲାଣ

**ଗୋପାଳପୁର,୨୦।୧୨:** ଗୋଳନ୍ଥରା ଥାନା ପୋଲିସ ଶୁକ୍ରବାର ଦୁଇଟି ସ୍ଥାନରୁ ଦେଶୀ ମଦ ଜବତ କରିବା ସହ ୨ଜଣଙ୍କୁ କୋର୍ଟଚାଲାଣ କରିଛି। ସେମାନେ ହେଲେ ମେଦିନିପୁରର ଗଣେଶଶ ସାହୁ ଓ ନିରାକାର ସାହୁ। ଏନେଇ ନଂ ୩୨୧, ୩୨୨/୧୯ରେ ମାମଲା ରୁଜୁ ହୋଇଛି। ଦୀର୍ଘଦିନ ହେଲା ଏହି ଥାନା ମେଦିନିପୁର ଗ୍ରାମର ଗଣେଶ ସାହୁ ଓ ନିରାକାର ଚୋରା ମଦ ବିକ୍ରି କରୁଥିଲେ। ପୂର୍ବାହ୍ନରେ ପୋଲିସ ଖବର ପାଇ ବିକ୍ରି କରୁଥିବା ସ୍ଥାନରେ ଚଢ଼ାଉ କରି ଗଣେଶଙ୍କଠାରୁ ୫ ଲିଟର ୮୦୦ ଏମ୍ଏଲ ଓ ନିରାକାରଙ୍କଠାରୁ ୬ ଲିଟର ୨୦୦ ଏମ୍ଏଲ ଦେଶୀ ମଦ ଜବତ କରାଯାଇଛି।

■ ୨ ପାଟିକାଙ୍କୁ କାର୍ଯ୍ୟରୁ ବହିଷ୍କାର ଘଟଣା

# ଗୁହାରି ଶୁଣୁନାହାନ୍ତି ଡିଇଓ, ଧାରଣା ୩ ଦିନରେ

**ବ୍ରହ୍ମପୁର ଅଫିସ,୨୦।୧୨**

ବ୍ରହ୍ମପୁର ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨ ପାଚିକାଙ୍କୁ କାର୍ଯ୍ୟରୁ ବହିଷ୍କାର କରାଯାଇଛି। ନ୍ୟାୟ ଦାବିରେ ଉଭୟେ ଗିରିରୋଡସ୍ଥିତ ଜିଲା ଶିକ୍ଷାଧିକାରୀ (ଡିଇଓ)ଙ୍କ କାର୍ଯ୍ୟାଳୟ ଆଗରେ ବୁଧବାରଠାରୁ ଧାରଣାରେ ବସିଛନ୍ତି। ଶୁକ୍ରବାର ଧାରଣା ତୃତୀୟ ଦିନରେ ପହଞ୍ଚିଥିଲେ ମଧ ପାଚିକା କୁନି ସାହୁ ଓ ଗୀତା ନାୟକଙ୍କ କାର୍ଯ୍ୟର ସୁବ୍ୟବସ୍ଥା କରିବା ଦିଗରେ ଡିଇଓ କୌଣସି ପଦକ୍ଷେପ ଗ୍ରହଣ କରିନାହାନ୍ତି।

ଆସ୍କାରୋଡ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦୀର୍ଘ ବର୍ଷ ଧରି କୁନି ଓ ଗୀତା ପାଚିକା ଭାବେ କାର୍ଯ୍ୟ କରିଆସୁଥିଲେ। ସେମାନେ କେବଳ ମଧ୍ୟାହ୍ନ ଭୋଜନ କାର୍ଯ୍ୟ ସହ ସ୍କୁଲର ଅନ୍ୟାନ୍ୟ କାର୍ଯ୍ୟରେ ମଧ ସହଯୋଗ କରୁଥିଲେ । ଏପରିକି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନେ ସେମାନଙ୍କ ଦ୍ୱାରା ବ୍ୟକ୍ତିଗତ କାମ କରାଉଥିଲେ। ଏହାର ପ୍ରତିବାଦ କରିବାରୁ ମିଥ୍ୟା ଆରୋପ ଲଗାଇ କୌଣସି ନୋଟିସ୍ ନ ଦେଇ କାର୍ଯ୍ୟରୁ ବହିଷ୍କାର କରାଯାଇଥିବା କୁନି ଓ ଗୀତା ଅଭିଯୋଗ କରିଛନ୍ତି। ତେଣୁ ଉଭୟେ ନ୍ୟାୟ ପାଇଁ ଓଡିଶା ମିଳିତ ବିଦ୍ୟାଳୟ ପାଚିକା, ସହାୟିକା ସଂଘ ସମର୍ଥନରେ ଧାରଣା ଦେଇଛନ୍ତି। ୩ ଦିନ ହେଲା ଧାରଣା ଦିଆଯାଇଥିଲେ ମଧ ଡିଇଓଙ୍କ ପକ୍ଷରୁ ୨ ପାଚିକାଙ୍କ ଦାବି ପୂରଣ ଦିଗରେ କୌଣସ ପଦକ୍ଷେପ ନିଆଯାଇ ନ ଥିବା ଓଡିଶା ମିଳିତ ବିଦ୍ୟାଳୟ ପାଚିକା, ସହାୟିକା ସଂଘ ଜିଲା ସଭାପତି କାର୍ତ୍ତିକ ଚନ୍ଦ୍ର ମହାନ୍ତି କହିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେ ସୂଚାଇଛନ୍ତି । ଅନ୍ୟପକ୍ଷରେ ଏ ନେଇ ଡିଇଓ ଡ. ସନାତନ ପଣ୍ଡା କହିଛନ୍ତି, ଏ ଯାଏ କେହି ଅଭିଯୋଗ ପାଇଁ ଆସିନାହାନ୍ତି । ବିଦ୍ୟାଳୟ ପରିଚାଳନା କମିଟି ପାଚିକା ନିଯୁକ୍ତି କରିଥାନ୍ତି। ତେଣୁ ବ୍ଲକ ଶିକ୍ଷାଧିକାରୀ(ବିଇଓ) ଦ୍ୱାରା ଏହି ସମସ୍ୟା ସମାଧାନ ହୋଇପାରିବ ବୋଲି ଡିଇଓ କହିଛନ୍ତି ।



ଡିଇଓ କାର୍ଯ୍ୟାଳୟ ଆଗରେ ପାଚିକା ଓ ସଂଗଠନର କର୍ମକର୍ତ୍ତା ଧାରଣା ଦେଉଛନ୍ତି ।

## ବିଜୁ ଯୁବ ବାହିନୀର ରକ୍ଷକ କାର୍ଯ୍ୟକ୍ରମ


କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି ।

**ବ୍ରହ୍ମପୁର ଅଫିସ,୨୦।୧୨**

ବିଜୁ ଯୁବ ବାହିନୀ ୨୬ ନଂ ୱାର୍ଡ ପକ୍ଷରୁ ରକ୍ଷକ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅନ୍ଧପସରା ରୋଡସ୍ଥିତ ସ୍ୱାମୀ ବିବେକାନନ୍ଦ ଶିଶୁ ବିଦ୍ୟାମନ୍ଦିର ପରିସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ହୋଇଥିଲା। ବିଦ୍ୟାମନ୍ଦିର ପ୍ରଧାନାଚାର୍ଯ୍ୟ ଅଶୋକ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଡ଼କ ସୁରକ୍ଷା ଆଇନ ସମ୍ପର୍କରେ ଆଲୋଚନା ହୋଇଥିଲା। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସମ୍ପର୍କିତ ବକ୍ତୃତା ପ୍ରତିଯୋଗିତା ହୋଇଥିଲା। କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏହାପରେ ଏକ ସଚେତନତା ଶୋଭାଯାତ୍ରା ପରିକ୍ରମା କରିଥିଲା । ବାଇକ୍ ଚାଳକଙ୍କୁ ହେଲମେଟ ପିନ୍ଧିବା ପାଇଁ ସଚେତନ କରାଇଥିଲେ । ବିଜୁ ଯୁବ ବାହିନୀ ବ୍ରହ୍ମପୁରର ସଂଯୋଜକ ଜେ. ଚନ୍ଦ୍ରଶେଖର, ୱାର୍ଡ ସଂଯୋଜକ ଶକୁନ୍ତଳା ମନ୍ତ୍ରୀ, ମଧୁସୂଦନ ପାଢ଼ୀ, ଅବିନାଶ ପାଣ୍ଡେ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ନୂଆବର୍ଷରେ ଆରମ୍ଭ ହେବ 'ଅର୍ବାନ ସେବା' ଆପ

# ୨୦ରୁ ଊର୍ଦ୍ଧ୍ୱ କାର୍ଯ୍ୟ ପାଇଁ ୧୫୦ ଜଣଙ୍କ ଆବେଦନ


କମିଶନର କର୍ମଜୀବୀଙ୍କ ସହ ଆଲୋଚନା କରୁଛନ୍ତି ।

**ବ୍ରହ୍ମପୁର ଅଫିସ,୨୦।୧୨**

ବ୍ରହ୍ମପୁର କର୍ମଜୀବୀଙ୍କୁ କାମ ଯୋଗାଇବା ଓ ସହରବାସୀଙ୍କୁ ସୁବିଧାରେ ଘରେ ଘରେ ବିଭିନ୍ନ ସର୍ବନିମ୍ନ ସେବା ପହଞ୍ଚାଇବା ଲକ୍ଷ୍ୟ ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ନୂଆବର୍ଷରୁ 'ଅର୍ବାନ ସେବା' ଆପ ଆରମ୍ଭ କରିବାକୁ ଯାଉଛି। ଏହି ଆପ ସହ ସହରର ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା କର୍ମଜୀବୀଙ୍କୁ ସଂଶ୍ଳିଷ୍ଟ କରିବା ଓ ଆପର କାର୍ଯ୍ୟ ସମ୍ପର୍କରେ ସୂଚାଇବା ନେଇ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ଡାଇମଣ୍ଡ ଜୁବିଲି ଟାଉନହଲ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଏମ୍ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ଯୋଗଦେଇ ଆପର କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ । ବିଏମସି ସହ ଏମଓୟୁ ସ୍ୱାକ୍ଷରିତ କରିଥିବା ଜଷ୍ଟ ରିଚର ପ୍ରତିଷ୍ଠାତା ଅଦିବ ସତର, ଶ୍ୟାଦ ଅରସାଦ ଉପସ୍ଥିତ ରହି ଆପ ସହ ସଂଲଗ୍ନ କର୍ମଜୀବୀମାନେ ଆପ ଜରିଆରେ କିପରି ଗ୍ରାହକଙ୍କ ନିକଟରେ ପହଞ୍ଚିବେ ଓ ସୁବିଧା ଯୋଗାଇବେ ସେ ନେଇ ବିସ୍ତୃତ ଭାବେ ବୁଝାଇଥିଲେ। ଆପ ସହ ସଂଲଗ୍ନ ହେବାକୁ ଦରଜୀ, ମିସ୍ତ୍ରି, ରୋଷେୟା, ଇଲେକ୍ଟ୍ରିସିଆନ ଧୁପକାଠି, ବଡିପାମ୍ପଡ, ପାର୍ଲର, କାଠକାରିଗର ଭଳି ପ୍ରାୟ ୨୦ଊର୍ଦ୍ଧ୍ୱ ପ୍ରକାର କର୍ମରେ ନିୟୋଜିତ ଥିବା ୧୫୦ କର୍ମଜୀବୀ ଆବେଦନ କରିଥିଲେ । ସେମାନଙ୍କ ସମ୍ପର୍କରେ ପୋଲିସ ଯାଞ୍ଚ କରିବା ପରେ ଆପ ସହ ସଂଲଗ୍ନ କରାଯିବ ବୋଲି ନଗର ଜୀବୀକା କେନ୍ଦ୍ରର ମ୍ୟାନେଜର ରାଜୀବ ଲୋଚନ ରତନ କହିଛନ୍ତି । କାର୍ଯ୍ୟକ୍ରମରେ ବସ୍ତିଉନ୍ନୟନ ଅଧିକାରୀ ଇପସିତା ପ୍ରିୟଦର୍ଶନୀ ମିଶ୍ର ଓ ଜଷ୍ଟ ରିଚର କର୍ମକର୍ତ୍ତା ଉପସ୍ଥିତ ଥିଲେ ।

### ବୃଦ୍ଧାଙ୍କୁ ଆକ୍ରମଣ ମାମଲା

## ମା' ପୁଅ ଦୋଷୀ ସାବ୍ୟସ୍ତ

**ବ୍ରହ୍ମପୁର ଅଫିସ,୨୦।୧୨**

ଗଞ୍ଜାମ ଜିଲା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମ୍ଏଫସି) ଅନନ୍ୟା ଦାସ ୨୦୧୭ ମସିହାରେ ଜଣେ ବୃଦ୍ଧାଙ୍କୁ ହୋଇଥିବା ଆକ୍ରମଣ ମାମଲାର ଶୁଣାଣି କରି ଅଭିଯୁକ୍ତ ମା' ଓ ପୁଅଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ହେଲେ ସଦର ଥାନା ଅନ୍ତର୍ଗତ ରାଉଳ ସୁକୁଣ୍ଡା ଗ୍ରାମର ପ୍ରମିଳା ନାୟକ ଓ ତାଙ୍କ ପୁଅ ରଞ୍ଜନ ନାୟକ।

୨୦୧୭ ଅଗଷ୍ଟ ୨୩ ତାରିଖରେ ଏକ ଜମିକୁ କେନ୍ଦ୍ର କରି ପଡିଶା ଘରେ ରହୁଥିବା ବୃଦ୍ଧା ପ୍ରତିମା ନାୟକଙ୍କୁ ପ୍ରମିଳା ଓ ତାଙ୍କ ପୁଅ ଲୁହାଛଡ଼ରେ ଆକ୍ରମଣ କରିଥିଲେ। ଏଥିରେ ପ୍ରତିମା ଗୁରୁତର ଆହତ ହୋଇଥିଲେ। ତାଙ୍କ ପୁଅ ଭବାନୀ ନାୟକ ଏ ନେଇ ସଦର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.୧୭୬/୧୭ ରୁଜୁ କରି ପ୍ରମିଳା ଓ ତାଙ୍କ ପୁଅ ରଞ୍ଜନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ଏହି ମାମଲାର ବିଚାର ବେଳେ ୮ ସାକ୍ଷୀଙ୍କ ବୟାନକୁ ଆଧାର କରି ମା' ପୁଅଙ୍କୁ ଜେଏମଏଫସି ଦୋଷୀ ସାବ୍ୟସ୍ତ କରିଛନ୍ତି। ସେମାନେ ପ୍ରଥମ ଥର ପାଇଁ ଏପରି ଅପରାଧ କରିଥିବାରୁ ମାଜିଷ୍ଟ୍ରେଟ ତାଗିଦ କରି ଛାଡି ଦେଇଛନ୍ତି।

### ଖଲ୍ଲିକୋଟ କଲେଜ ପଡ଼ିଆରେ ଷ୍ଟେଜ ପୋଡ଼ି ମାମଲା

## ଅଭିଯୁକ୍ତଙ୍କ ବୟାନ ରେକର୍ଡ, ୨୩ରେ ଚୂଡ଼ାନ୍ତ ରାୟ

**ବ୍ରହ୍ମପୁର ଅଫିସ,୨୦।୧୨**

ଟାଉନ ଥାନା ଅନ୍ତର୍ଗତ ଖଲ୍ଲିକୋଟ କଲେଜ ପଡ଼ିଆରେ ଟୁର୍ନାମେଣ୍ଟ ପାଇଁ ନିର୍ମିତ ଏକ ଷ୍ଟେଜ ପୋଡି ମାମଲାରେ ଶୁକ୍ରବାର ଅଭିଯୁକ୍ତମାନଙ୍କ ବୟାନ ରେକର୍ଡ ହୋଇଛି। ଶୁକ୍ରବାର ଗଞ୍ଜାମ ଜିଲା ଅତିରିକ୍ତ ଦୌରା ଜଜ (ଏଡିଜେ)-୩ ନିରଞ୍ଜନ ଜେନାଙ୍କ କୋର୍ଟରେ ୬ ଅଭିଯୁକ୍ତ ଯଥା ସାନଖେମୁଣ୍ଡି ବିଧାୟକ ରମେଶ ଜେନା, ତାଙ୍କ ବାପା ଅରକ୍ଷିତ ଜେନା, ରାଜେଶ ପାତ୍ର, ସଦାନନ୍ଦ ପଟ୍ଟନାୟକ, ରଞ୍ଜିତ ସାମନ୍ତରା ଓ ଫକୀର ଗୌଡ଼ କୋର୍ଟରେ ହାଜର ହୋଇଥିଲେ। ସମସ୍ତ ଅଭିଯୁକ୍ତଙ୍କ ବୟାନକୁ ରେକର୍ଡଭୁକ୍ତ କରାଯାଇଛି। ଏହି ମାମଲାର ଚୂଡ଼ାନ୍ତ ରାୟ ଆସନ୍ତା ୨୩ ତାରିଖରେ ପ୍ରକାଶ ପାଇବ ବୋଲି କୋର୍ଟ ସୂତ୍ରରୁ ପ୍ରକାଶ।

୨୦୧୭ ଜାନୁୟାରୀ ୭ ତାରିଖ ରାତିରେ ଖଲ୍ଲିକୋଟ କଲେଜ ପଡ଼ିଆରେ ନିର୍ମାଣ ହୋଇଥିବା ଷ୍ଟେଜଟିକୁ ପୋଡି ଦିଆଯାଇଥିଲା। ଏ ନେଇ ଆୟୋଜକ ମୁନା ଜେନା ଟାଉନ ଥାନାରେ ଅଭିଯୋଗ କରିଥିଲେ। ସେ ସମୟରେ ମଣ୍ଡଳ କାରାଗାରରେ ଥିବା ରମେଶ ଜେନା ଏହି ଘଟଣାର ମାଷ୍ଟରମାଇଣ୍ଡ ଦର୍ଶାଇ ତାଙ୍କ ବିରୋଧରେ ପୋଲିସ କୋର୍ଟରେ ରିମାଣ୍ଡ ରିପୋର୍ଟ ଦାଖଲ କରିଥିଲା। ପୂର୍ବରୁ ୧୦ ସାକ୍ଷୀଙ୍କ ବୟାନ ରେକର୍ଡ ହୋଇସାରିଛି। ମୁଦଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ସୁଧାଂଶୁ ପଣ୍ଡା ପ୍ରଦୀପ ବେହେରା ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

**ବ୍ରହ୍ମପୁର ଅଫିସ,୨୦।୧୨**

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ କମାପଲ୍ଲୀ ଓଭରବ୍ରିଜରେ ଗୁରୁବାର ରାତି ପ୍ରାୟ ୧୧ଟାରେ ଦୁର୍ଘଟଣାରେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସାଙ୍ଗ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ବଡଗଡ ଥାନା ଅନ୍ତର୍ଗତ ଗାଙ୍ଗପୁରର ଅଜିତ କୁମାର ସାହୁ (୨୧)। ଗୁରୁତର ଆହତ ସୋରଡା ଥାନା ଅନ୍ତର୍ଗତ ପାଦରାଇଗୁଣୀ ଗ୍ରାମର ଅଜିତ କୁମାର ଗୌଡ଼ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ପ୍ରକାଶ ଯେ, ଦୁଇ ସାଙ୍ଗ ବ୍ରହ୍ମପୁର ସହରର ପୃଥକ ସ୍ଥାନରେ ଘରଭଡ଼ା ନେଇ ରହୁଥିଲେ। ଉଭୟେ କମ୍ପିଟେଟିଭ ପରୀକ୍ଷା ଦେବାକୁ ପ୍ରସ୍ତୁତି ଚଳାଇଥିଲେ। ଗୁରୁବାର ସନ୍ଧ୍ୟାରେ ସେମାନେ ବାହାରକୁ ଯାଇ ରାତିରେ ବାଇକ୍ (ନଂ.ଓଡ଼ି୦୭ଓଇ୧୫୬୮)ରେ ଲାଞ୍ଜିପଲ୍ଲୀ ଜାତୀୟପଥ ଦେଇ ବ୍ରହ୍ମପୁର ଫେରୁଥିଲେ। ବାଇକ୍ ଚାଳକ ଅଜିତ ଭାରସାମ୍ୟ ହରାଇ କମାପଲ୍ଲୀ ଓଭରବ୍ରିଜ କାନ୍ଥରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ବାଇକ୍ ପଛରେ ବସିଥିବା ଅଜିତ ଗୌଡ଼ ଗୁରୁତର ହୋଇଥିଲେ। ପୋଲିସ ପହଞ୍ଚି ବାଇକ ସହ ମୃତଦେହ ଜବତ କରିଥିଲା। ଗୁରୁତର ଆହତଙ୍କୁ ବଡ଼ ମେଡିକାଲକୁ ପଠାଯାଇଥିଲା। ଏ ନେଇ ବୈଦ୍ୟନାଥପୁର ଥାନାରେ ନଂ.୩୫/୧୯ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଏସ୍ଆଇ ଗୁଣନିଧି ମାଲିକ ସୂଚନା ଦେଇଛନ୍ତି।

### ଚାକିରି କରାଇଦେବା ନାଁରେ ଠକେଇ ମାମଲା

## କୋର୍ଟରେ ଆତ୍ମସମର୍ପଣ ପରେ ଜେଲଗଲେ ଅଭିଯୁକ୍ତ

**ବ୍ରହ୍ମପୁର ଅଫିସ,୨୦।୧୨**

ଚାକିରି କରାଇଦେବା ନାଁରେ ଟଙ୍କା ଠକେଇ ମାମଲାର ମୁଖ୍ୟ ଅଭିଯୁକ୍ତ ଶୁକ୍ରବାର ଏସ୍ଡିଜେଏମ କୋର୍ଟରେ ଆତ୍ମସମର୍ପଣ କରିଛନ୍ତି। ବର୍ଷେ ହେଲା ଫେରାର ଥିବା ଅଭିଯୁକ୍ତ ସମ୍ବଲପୁର ଲାଇଡା ଗ୍ରାମର ଯୁଗଳ କିଶୋର ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଶୁକ୍ରବାର ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁର ଏସଡ଼ିଜେଏମ ସରୋଜିନ ସାହୁଙ୍କ କୋର୍ଟରେ ସେ ହାଜର ହୋଇଥିଲେ। ଜାମିନ ନାମଞ୍ଜୁର ହେବାରୁ ଯୁଗଳଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ପୂର୍ବରୁ ୫ ଅଭିଯୁକ୍ତ ଗିରଫ ହୋଇ ଜେଲ ଯାଇଛନ୍ତି। ସୂଚନାଯୋଗ୍ୟ, ଯୁଗଳଙ୍କ ୬ ଜଣିଆ ଗ୍ୟାଙ୍ଗ ଜିଲାର ବେକାର ଯୁବକଙ୍କୁ ଚାକିରି କରାଇଦେବା ନାଁରେ ଲକ୍ଷ ଲକ୍ଷ ଟଙ୍କା ଠକେଇ କରିଥିଲେ। ଏ ନେଇ ବିଜିପୁର ନୀଳକଣ୍ଠନଗର ୭ମ ଲେନର ଦୀପକ କୁମାର ପଣ୍ଡା ୨୦୧୮ ଜୁନ ୨୯ ତାରିଖରେ ସାଇବର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ.୯/୧୮ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ୫ ଜଣଙ୍କୁ ଗିରଫ କରାଯାଇଥିବା ବେଳେ ଯୁଗଳ ଫେରାର ଥିଲେ।

## ମୋ ସରକାର କକ୍ଷ ଉଦ୍‌ଘାଟିତ

**ଜି.ଉଦୟଗିରି,୨୦।୧୨(ଡି.ଏନ.ଏ.)**

### ଜି.ଉଦୟଗିରି ଏନ୍ଏସି

ଜି.ଉଦୟଗିରି ଏନ୍ଏସି କାର୍ଯ୍ୟାଳୟ ପରିସରରେ ବୁଧବାର ମୋ ସରକାର କକ୍ଷ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଜି.ଉଦୟଗିରି ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଜନସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ବ୍ୟବସାୟିକ ଅନୁମତି ପତ୍ର, ପାନୀୟ ଜଳ ସମସ୍ୟା ସମେତ କାର୍ଯ୍ୟାଳୟରୁ ଠିକ୍ ସେବା ପାଉଛନ୍ତି କି ନାହିଁ ଏହି ପ୍ରକୋଷ୍ଠରେ ଜଣାଇପାରିବେ। ମୋ ସରକାର ସେଲ ପାଇଁ ୫ ଜଣ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି। ସତ୍ୟ ପ୍ରକାଶ ମହାପାତ୍ର କନିଷ୍ଠ ସହାୟକ, କମ୍ବୁପାଣି ପାଣିଗ୍ରାହୀ ଆବାସ ଯୋଜନା ସଂଯୋଜକ, ରାଜେନ୍ଦ୍ର ନାଥ ସାହୁ ଓ ନିରଞ୍ଜନ ସାହୁ ଟ୍ୟାକ୍ସ କଲେକ୍ଟର ଓ ବିରାଜ ପ୍ରଧାନ ପିଅନ ଏହି କକ୍ଷ ଦାୟିତ୍ୱରେ ଅଛନ୍ତି। ସେମାନେ ଲୋକଙ୍କୁ ନଗର ଉନ୍ନୟନ ବିଭାଗର ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ସଚେତନ କରାଇବେ ବୋଲି ଏନ୍ଏସି ଅଧିକାରୀ କହିଛନ୍ତି।



ଏନ୍ଏସିରେ ମୋ ସରକାର କକ୍ଷ।

### କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତିକୁ ବିରୋଧ

# ଜାନୁୟାରୀ ୮ରେ ସର୍ବଭାରତୀୟ ଧର୍ମଘଟ

**ବ୍ରହ୍ମପୁର ଅଫିସ,୨୦।୧୨**

ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କ ଶ୍ରମିକ ବିରୋଧୀ ନୀତି ପ୍ରତିବାଦରେ ଆସନ୍ତା ଜାନୁୟାରୀ ୮ ତାରିଖରେ ବିଭିନ୍ନ ସଂଗଠନ ପକ୍ଷରୁ ସର୍ବଭାରତୀୟ ଧର୍ମଘଟ କରାଯିବାକୁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଇଣ୍ଡିଆନ ଫେଡେରେଶନ ଅଫ ଟ୍ରେଡ ୟୁନିଅନସ୍ (ଆଇଏଫଟିୟୁ) ଓଡ଼ିଶା ରାଜ୍ୟ କମିଟି ସାମିଲ ହେବ ବୋଲି ବ୍ରହ୍ମପୁରରେ ଶୁକ୍ରବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଘୋଷଣା କରାଯାଇଛି। ଶ୍ରମିକ ଓ କର୍ମଚାରୀ ସଂଗଠନଗୁଡ଼ିକ ଧର୍ମଘଟକୁ ସଫଳ କରିବା ପାଇଁ ନିବେଦନ କରାଯାଇଛି।

ଆଇଏଫଟିୟୁ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି ମୋଦି ସରକାର ଗତ ୬ ମାସ ହେଲା ଦେଶର କୋଟି କୋଟି ଶ୍ରମିକ ତଥା କର୍ମଚାରୀଙ୍କ ଉପରେ ଆକ୍ରମଣ ଚଳାଇଛନ୍ତି। ଇତିମଧ୍ୟରେ ସଂସଦରେ ମଜୁରୀ କୋର୍ଡ ବିଲ ଗୃହୀତ କରାଇଛନ୍ତି। ଗତ ନଭେମ୍ବର ୨୮ରେ ଆଗତ ହୋଇଥିବା ଶିଳ୍ପ ସମ୍ପର୍କ କୋର୍ଡ ଜରିଆରେ ଶ୍ରମିକଙ୍କ ବିଭିନ୍ନ ଅଧିକାରକୁ ଦୁର୍ବଳ କରି ଦେବା ନିମନ୍ତେ ପଦକ୍ଷେପ ନେଇଛନ୍ତି। ଦେଶ ବିଦେଶୀ ପୁଞ୍ଜିପତିଙ୍କ ସ୍ୱାର୍ଥରେ ଶ୍ରମିକବିରୋଧୀ କାର୍ଯ୍ୟ ସରକାର କରୁଛନ୍ତି ବୋଲି ଷଡ଼ଙ୍ଗୀ ଅଭିଯୋଗ କରିଛନ୍ତି। ଏନଡିଏ ସରକାରଙ୍କ ଶାସନରେ ଅନେକ ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଯୋଗୁ ଦେଶରେ ମାନ୍ଦାବସ୍ଥା ସୃଷ୍ଟି ହୋଇଛି।

ଖବରଦାତା ସମ୍ମିଳନୀରେ ରାଜା ସୁରେଶ, ପ୍ରତାପ ଚନ୍ଦ୍ର ପ୍ରଧାନ, କେଦାର ଶବର, ସନ୍ତୋଷ ମହାନ୍ତି, ଧର୍ମେନ୍ଦ୍ର ପ୍ରଧାନ, ପ୍ରଦୀପ ସେଠୀ, କେ. ଶ୍ରୀନୁ ପ୍ରମୁଖ ଆଇଏଫଟିୟୁ ନେତାମାନେ ଉପସ୍ଥିତ ଥିଲେ। ଶ୍ରମିକଙ୍କ ମାସିକ ସର୍ବନିମ୍ନ ମଜୁରୀ ୨୧ ହଜାର ଏବଂ ପେନସନ ମାସିକ ୧୦ ହଜାର ଟଙ୍କା ଦେବାକୁ ଦାବି କରିଥିଲେ। ସେହିପରି ଏମଜିଏନ୍ଆର୍ଇଜିଏସକୁ ପ୍ରଭାବଶାଳୀ କରିବା ପାଇଁ ଅଧିକ ଶ୍ରମ ଦିବସ ସୃଷ୍ଟି, ନିଯୁକ୍ତିର ଗ୍ୟାରେଣ୍ଟି, ସମାନ କାମକୁ ସମାନ ମଜୁରି, ଠିକା ଓ ଆଉଟସୋର୍ସିଂ ବ୍ୟବସ୍ଥା ସମ୍ପୂର୍ଣ୍ଣ ଉଚ୍ଛେଦ ଆଦି ଦାବି ହୋଇଛି।

### ସାମିଲ ହେବ ଆଇଏଫଟିୟୁ ରାଜ୍ୟ କମିଟି



ଖବରଦାତା ସମ୍ମିଳନୀରେ ଆଇଏଫଟିୟୁ ନେତା ଭାଲଚନ୍ଦ୍ର ଷଡ଼ଙ୍ଗୀ ଓ ଅନ୍ୟମାନେ ।

## ସଂକ୍ଷେପରେ

### ମୋ ନିବେଦନ, ମୋ ଗାଁରେ ତହସିଲ

**ବେଗୁନିଆପଡ଼ା,୨୦।୧୨(ଡି.ଏନ.ଏ.):** ବେଗୁନିଆପଡ଼ା ବ୍ଲକ ମର୍ଦ୍ଦକୋଟ ପଞ୍ଚାୟତରେ ଶୁକ୍ରବାର ମୋ ନିବେଦନ ଓ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପ୍ରଦୀପ କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଅତିରିକ୍ତ ତହସିଲଦାର ଅଶୋକ କୁମାର ତ୍ରିପାଠୀ, ସରପଞ୍ଚ ସାଗରିକା ନାୟକ, ଯୋଗାଣ ଅଧିକ୍ଷକ ଶରତ ଚନ୍ଦ୍ର ବେହେରା, ସିଡିପିଓ ସନ୍ଧ୍ୟାରାଣୀ ପାଣିଗ୍ରାହୀ, ଅତିରିକ୍ତ ମତ୍ସ୍ୟଅଧିକାରୀ ଦ୍ୱିତୀକୃଷ୍ଣ ମହାରଣା, ବିଏସଏସଓ ସୁନିଲ କୁମାର ମିଶ୍ର ପ୍ରମୁଖ ଉପସ୍ଥିତି ଥିଲେ। ମୋ ନିବେଦନ ପାଇଁ ୨୬୨ ଓ ମୋ ଗାଁରେ ତହସିଲରେ ୧୨୯ଟି ଆବେଦନ ପ୍ରାପ୍ତ ହୋଇଥିଲା।

### ଖିରିଡ଼ାରେ ମୋ ନିବେଦନ, ମୋ ଗାଁରେ ତହସିଲ

**ଶେରଗଡ,୨୦।୧୨(ଡି.ଏନ୍.ଏ.):** ଶେରଗଡ ବ୍ଲକ ଖିରିଡାରେ ଶୁକ୍ରବାର ମୋ ନିବେଦନ, ମୋ ଗାଁରେ ତହସିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ମୋ ଗାଁରେ ତହସିଲ କାର୍ଯ୍ୟକ୍ରମରେ ତହସିଲଦାର ଡ. ଦୟାସିନ୍ଧୁ ପରିଡା ଅଧକ୍ଷତା କରିଥିଲେ। ଅତିରିକ୍ତ ତହସିଲଦାର ଅକ୍ଷୟ କୁମାର ମଲ୍ଲିକ ଓ ସୁପରଭାଇଜର ମନୋଜ କୁମାର ନାହାକ, ପି. ପଞ୍ଚମାଙ୍କ ସଂଯୋଜନାରେ ୫ ଗ୍ରାମର ୭୫ଟି ଜମିଜମା କେସ ପଞ୍ଜୀକରଣ ହୋଇଥିଲା। ମୋ ନିବେଦନ କାର୍ଯ୍ୟକ୍ରମ ବିଡିଓ ସୁରଞ୍ଜନ କୁମାର ସାହୁଙ୍କ ସଂଯୋଜନାରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଉପସ୍ଥିତ ଥିଲେ। ବିଭିନ୍ନ ବିଭାଗରୁ ୪୦ ଟି ଅଭିଯୋଗ ଆସିଥିଲା।

### ଚକାପାଦ, ଦାରିଙ୍ଗିବାଡି, କୋଟଗଡ଼ରେ ଡ୍ରାଇଭିଂ ଲାଇସେନ୍ସ ଶିବିର

**ଫୁଲବାଣୀ ଅଫିସ, ୨୦।୧୨:** ଗାଡି ଚାଳକମାନଙ୍କୁ ସୁବିଧାରେ ଲାଇସେନ୍ସ ପ୍ରଦାନ କରିବାକୁ କନ୍ଧମାଳ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଉଛି। ବିଗତ ଦିନମାନଙ୍କରେ ଜିଲାର ବିଭିନ୍ନସ୍ଥାନରେ ଭ୍ରାମ୍ୟମାଣ ଡ୍ରାଇଭିଂ ଲାଇସେନ୍ସ ପ୍ରଦାନ ଶିବିରମାନ ଆୟୋଜିତ ହୋଇଆସୁଛି। ଆଗାମୀ ଦିନରେ ମଧ ଏହି ଶିବିର ହେବାକୁ ଦିନ ଧାର୍ଯ୍ୟ ହୋଇଛି। ଆସନ୍ତା ୨୨ରେ ଚକାପାଦ, ୨୯ରେ ଦାରିଙ୍ଗିବାଡି ଏବଂ ୬ରେ କୋଟଗଡ ତହସିଲ କାର୍ଯ୍ୟାଳୟରେ ଏହି ଶିବିର ଅନୁଷ୍ଠିତ ହେବ। ଆବେଦନକାରୀମାନେ ଆବେଦନ ପତ୍ର ସହ ସକାଳ ସାଢ଼େ ୯ଟାରେ ଆସି ଶିବିରରେ ଉପସ୍ଥିତ ହେବାକୁ ପଡିବ। ସେଠାରେ ଆବଶ୍ୟକ ଟଙ୍କା ଦାଖଲ କରିବା ପରେ ଲର୍ଣ୍ଣିଂ ଲାଇସେନ୍ସ ପ୍ରଦାନ କରାଯିବ। ଏହାପରେ ସମସ୍ତଙ୍କ ଡ୍ରାଇଭିଂ ଟେଷ୍ଟ ନିଆଯିବ। ଧାର୍ଯ୍ୟ ସମୟ ସୀମା ପରେ ଆବେଦନକାରୀଙ୍କୁ ସେମାନଙ୍କ ଠିକଣାରେ ଲାଇସେନ୍ସ ପଠାଇ ଦିଆଯିବ। ପୂର୍ବରୁ ତୁମୁଡିବନ୍ଧ, ବାଲିଗୁଡା, ଦାରିଙ୍ଗିବାଡି, ଜି.ଉଦୟଗିରିରେ ଏହି ଶିବିର ଆୟୋଜିତ ହୋଇଛି ବୋଲି ମୋଟର ଯାନ ନୀରିକ୍ଷକ ଗତିକୃଷ୍ଣ ସାମନ୍ତରାୟ ସୁଚନା ଦେଇଛନ୍ତି।

### ଅଗ୍ନିବିପନ୍ନଙ୍କୁ ଜିଲା ଆଇନ ସହାୟତା କମିଟିର ସହାୟତା

**ପୁରୁଷୋତ୍ତମପୁର,୨୦।୧୨(ଡି.ଏନ.ଏ.):** ପୁରୁଷୋତ୍ତମପୁର ବ୍ଲକ ସୁନାଥର ଗ୍ରାମରେ ସୋମବାର ଅଗ୍ନିକାଣ୍ଡ ଘଟି ୨୫ ପରିବାର ସର୍ବସ୍ୱାନ୍ତ ହୋଇଥିଲେ। ଗଞ୍ଜାମ ଜିଲା ଦୌରାଜଜ କୋର୍ଟ ଆଇନ ସେବା କମିଟି ସଚିବ ବିଜୟ କୁମାର ଦାଶ ବିପନ୍ନଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ବୁଧବାର ଛତ୍ରପୁର ଉପଜିଲାପାଳ ଓ ପୁରୁଷୋତ୍ତମପୁର ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବା ସହ ସାମାଜିକ ନ୍ୟାୟ ପ୍ରଦାନ କରିବା ଲାଗି ପୁରୁଷୋତ୍ତମପୁର ପ୍ରଥମ ଶ୍ରେଣୀ ବିଚାରପତି ତଥା ତାଲୁକା ଆଇନ ସେବା କମିଟି ଅଧକ୍ଷାଙ୍କୁ କହିଥିଲେ। ବିଚାରପତି ଅନ୍ନପୂର୍ଣ୍ଣା ଷଡଙ୍ଗୀ ତହସିଲଦାର ଅରୁଣ କୁମାର ନାୟକଙ୍କୁ ଏନେଇ ଚିଠି କରିଥିଲେ। ଶୁକ୍ରବାର ଜିଲା ଆଇନ ସେବା କମିଟି ସଚିବ ଦାଶ ମେଡିକାଲ ଟିମ୍ ସହ ସୁନାଥର ଗ୍ରାମକୁ ଆସି ତହସିଲଦାରଙ୍କ ଉପସ୍ଥିତିରେ ବିପନ୍ନ ପରିବାରଙ୍କୁ କମ୍ବଳ, ବିସ୍କୁଟ ବଣ୍ଟନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରି ଔଷଧ ପ୍ରଦାନ କରିଥିଲେ। ଏହାସହ ସରକାରୀ ନିୟମ ପ୍ରକାରେ ଥଇଥାନ କରିବା ଲାଗି ତହସିଲଦାରଙ୍କୁ ନିର୍ଦ୍ଦେଶ ଦେବାସହ ନଷ୍ଟ ହୋଇଥିବା ବିପନ୍ନଙ୍କ ରାଶନକାର୍ଡ, ଲେବର କାର୍ଡ, ଆଧାର କାର୍ଡ, ଭୋଟର ପରିଚୟ ପତ୍ର ଆଦି ସମସ୍ତ ଦସ୍ତାବିଜ ପ୍ରଦାନ କରିବାଲାଗି ପଦକ୍ଷେପ ନେବାକୁ ସ୍ଥାନୀୟ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

# ଆନନ୍ଦ ଉଲ୍ଲାସରେ ପାଳନ ହେବ ବଡ଼ଦିନ

**ଫୁଲବାଣୀ ଅଫିସ, ୨୦।୧୨**


ବୈଠକରେ ଉପସ୍ଥିତ ଜିଲାସ୍ତରୀୟ ଅଧିକାରୀ।

**ଜିଲାସ୍ତରୀୟ ବୈଠକ**

କନ୍ଧମାଳ ଜିଲାରେ ବଡ଼ଦିନକୁ ଶାନ୍ତି ଓ ସଦ୍‌ଭାବନାର ସହ ପାଳନ କରିବାକୁ ଜିଲାସ୍ତରୀୟ ବୈଠକ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା.ବୃନ୍ଦା ଡି. ଏଥିରେ ଅଧ୍ୟକ୍ଷତା କରିଥିଲେ। ବଡଦିନକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବାକୁ ସେ ସମସ୍ତଙ୍କର ସହଯୋଗ ଲୋଡ଼ିବା ସହ ପ୍ରଶାସନର ଏ ଦିଗରେ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଏସ୍‌ପି ପ୍ରତୀକ ଗୀତା ସିଂ ଯୋଗଦେଇ ଜିଲାରେ ବିଗତ ଦିନର ଶାନ୍ତି ଓ ଖୁସିର ବାତାବରଣକୁ ପ୍ରଶଂସା କରିବା ସହ ଚଳିତ ବର୍ଷ ମଧ ଏହା ଜାରି ରହିବ ବୋଲି ଆଶାବ୍ୟକ୍ତ କରିଥିଲେ। ଜିଲାରେ ଭାଇଚାରାକୁ ଅକ୍ଷୁର୍ଣ୍ଣ ରଖିବାକୁ ପୋଲିସ ପ୍ରଶାସନ ସବୁବେଳେ ସଜାଗ ଅଛି। ତେବେ ସବୁ ସମ୍ପ୍ରଦାୟର ଲୋକ ମାନଙ୍କର ସହଯୋଗ ନିହାତି ଆବଶ୍ୟକ ବୋଲି ଏସ୍‌ପି କହିଥିଲେ। ଆଇନଜୀବୀ ବିଜୟ ମହାନ୍ତି, ଖବରଦାତା ଅରୁପ କୁମାର ଜେନା ଉପସ୍ଥିତ ରହି ବଡ଼ଦିନ ପାଳନ ଅବସରରେ ସମସ୍ତଙ୍କର ସହଯୋଗ ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧରେ ଖ୍ରୀଷ୍ଟ ସମ୍ପ୍ରଦାୟର ସଭାପତି ଓ ରାଇକିଆ ଶାନ୍ତି କମିଟିର କର୍ମକର୍ତ୍ତା ମଧ ଅନୁରୂପ ମନ୍ତବ୍ୟ ଦେଇଥିଲେ। କୁଇ ସମାଜ ସମନ୍ୱୟ ସମିତି ସାଧାରଣ ସମ୍ପାଦକ ଲମ୍ବୋଦର କହଁର ଏହାକୁ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରିବେ ବୋଲି ମତ ରଖିଥିଲେ। ଅତିରିକ୍ତ ଜିଲାପାଳ ବସନ୍ତ କୁମାର ସାହୁ ସମସ୍ତ ସମ୍ପ୍ରଦାୟରୁ ଆସିଥିବା କର୍ମକର୍ତ୍ତାଙ୍କୁ ସ୍ୱାଗତ କରିବା ସହ ବଡ଼ ଦିନକୁ ମହାସମାରୋହରେ ପାଳନ କରିବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ବୈଠକରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ବିଶ୍ୱନାଥ ବାରିକ, ଉପ ଜିଲାପାଳ ସୁରେଶ କୁମାର ପ୍ରଧାନ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ବୀରେନ୍ଦ୍ର କୁମାର ଦାସ, ଜିଲାସ୍ତରୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ବଡ଼ଦିନ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

**ଦାରିଙ୍ଗବାଡ଼ି,୨୦।୧୨(ଡି.ଏନ.ଏ)**

ଆଉ ୫ ଦିନ ପରେ ପାଳନ ହେବ ଖ୍ରୀଷ୍ଟମାସ ବା ବଡ଼ଦିନ। ଏଥିପାଇଁ ଦାରିଙ୍ଗବାଡ଼ି ବ୍ଲକର ପ୍ରମୁଖ ବଜାର ବ୍ରାହ୍ମଣୀଗାଁ ସମେତ ଦାରିଙ୍ଗବାଡ଼ି ଏବଂ ସିମନବାଡ଼ି ବଜାରରେ ଲୋକଙ୍କ ଭିଡ଼ ଜମିଛି। ନୂତନ ପୋଷାକ ସମେତ ପିଠାପଣା ପାଇଁ ଖ୍ରୀଷ୍ଟଧର୍ମାବଲମ୍ବୀ ପରିବାର ପକ୍ଷରୁ ଏହି ୩ଟି ପ୍ରମୁଖ ବଜାରରୁ କିଣାକିଣି ଚାଲିଛି। ଘର ଲିପାପୋଛା ସହ ରଙ୍ଗ ଦେବା ଓ ଆଲୋକରେ ସଜ୍ଜିତ କରିଛନ୍ତି। ସାମୂହିକ ପ୍ରାର୍ଥନା, ବାଇବଲ୍ ପଠନ ଆଦି ପାଇଁ ପ୍ରାର୍ଥନା ଗୃହ ସମେତ ଚର୍ଚ୍ଚ ଗୁଡ଼ିକୁ ଆଲୋକରେ ସଜ୍ଜିତ କରାଯାଉଛି। ୨୪ ମଧରାତ୍ରରେ ପ୍ରଭୁ ଯିଶୁଖ୍ରୀଷ୍ଟ ଜନ୍ମନେବେ ଏଥିପାଇଁ ସେହି ରାତିରେ ଖ୍ରୀଷ୍ଟ ଶ୍ରଦ୍ଧାଳୁମାନେ ରାତି ଉଜାଗର ରହିବା ସହ ପର୍ବକୁ ଆନନ୍ଦର ସହ ପାଳନ କରିବେ। ବ୍ରାହ୍ମଣୀଗାଁର ଚର୍ଚ୍ଚ ସମେତ କିରାମାହା, ଗଦାପୁର, କେରୁବାଡ଼ି, ଦାରିଙ୍ଗବାଡ଼ି, ସିମନବାଡ଼ି, ତାଜୁଙ୍ଗିଆ, ହାତିମୁଣ୍ଡା, ଆଦି ଅଞ୍ଚଳରେ ଖ୍ରୀଷ୍ଟ ଶ୍ରଦ୍ଧାଳୁ ମାନଙ୍କ ମଧରେ ପର୍ବ ପାଳନ ପାଇଁ ଉତ୍ସାହ ଦେଖା ଦେଇଛି। ଶାନ୍ତି ଶୃଙ୍ଖଳାର ସହ ଏହି ପର୍ବ ପାଳନ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବା ସହ ପାଟ୍ରୋଲିଂ କଡାକଡି କରାଯାଉଛି। ୨୦୦୭ ଏବଂ ୨୦୦୮ କନ୍ଧମାଳ ଦଙ୍ଗା ପରେ ପୋଲିସ ଏପରି ପଦକ୍ଷେପ ନେଇଆସୁଥିବା ଜଣାପଡିଛି।

## ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପାଠଚକ୍ର


ଅତିଥିମାନେ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି।

**ଭଞ୍ଜନଗର,୨୦।୧୨(ଡି.ଏନ.ଏ)**

କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଓଡିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ଏକ ପାଠଚକ୍ର ଶୁକ୍ରବାର ମହାବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଅଧକ୍ଷ ଡ. ସୁବାସ ଚନ୍ଦ୍ର ପ୍ରଧାନ ବୈଠକରେ ସଭାପତିତ୍ୱ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧାପକ ବଟୁକେଶ୍ୱର ବାରିକ ପାଠଚକ୍ରର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଛାତ୍ର ଅଜିତ କୁମାର ପ୍ରଧାନ ସନ୍ଦର୍ଭଟିକୁ ପଠନ କରିଥିଲେ। ତାଙ୍କୁ ବିଭାଗୀୟ ଅଧାପିକା ରୋଜାଲିନ ମହାରଣା ସହଯୋଗ କରିଥିଲେ। ଯୁକ୍ତ୨ ବୈଷୟିକ ଶିକ୍ଷାନୁଷ୍ଠାନର ଭାରପ୍ରାପ୍ତ ଅଧକ୍ଷ ଡ. ବିନୋଦ ଚନ୍ଦ୍ର ଦାସ, ଡ. ରବୀନ୍ଦ୍ର ନାଥ ପାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଓଡିଆ ଭାଷାର ମାନମର୍ଯ୍ୟାଦା ମାତୃଭାଷା ହିସାବରେ ସର୍ବାଗ୍ରେ ରହିବା ଉଚିତ ବୋଲି ଆଲୋଚନାରେ ଭାଗନେଇ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ସ୍ୱାଗତ ଭାଷଣ ଅଧାପକ ବିକ୍ରମ କୁମାର ପ୍ରଧାନ ଦେଇଥିବାବେଳେ ଅଧାପିକା ରାଜଲକ୍ଷ୍ମୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ

# ଚାଷୀ, ଏସ୍‌ଏଚ୍‌ଜିଙ୍କୁ ଋଣ ଦେବା ଉପରେ ଗୁରୁତ୍ୱ

**ଛତ୍ରପୁର,୨୦।୧୨(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଗଞ୍ଜାମ ଜିଲା ବ୍ୟାଙ୍କ ପରାମର୍ଶଦାତା କମିଟି ବୈଠକ ଶୁକ୍ରବାର ଛତ୍ରପୁରସ୍ଥିତ ଜିଲାପାଳଙ୍କ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଅଧକ୍ଷତା କରିଥିଲେ। ଜିଲାରେ ବିଭିନ୍ନ ବ୍ୟାଙ୍କର ୪୨୦ ଶାଖା ରହିଛି । ନଭେମ୍ବର ୩୦ ସୁଦ୍ଧା ସମସ୍ତ ବ୍ୟାଙ୍କ ୨୮,୦୦୩ କୋଟି ଟଙ୍କା କାରବାର କରିଛନ୍ତି। ସେଥିମଧରେ ୨୦,୦୨୦ କୋଟି ଟଙ୍କା ଜମା ସଂଗ୍ରହ କରାଯାଇଥିବା ବେଳେ ୭,୯୮୩ କୋଟି ଟଙ୍କାର ଋଣ ଦିଆଯାଇଛି। ଚାଷୀମାନଙ୍କୁ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଋଣ ପ୍ରଦାନ ଉପରେ ଜିଲାପାଳ ଗୁରୁତ୍ୱ ଦେଇଥିଲେ । ରାଜ୍ୟ ସରକାର ବର୍ତ୍ତମାନ ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ କରୁଛନ୍ତି। ଏହି ପରିପ୍ରେକ୍ଷୀରେ ଜିଲାର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ଋଣ ପ୍ରଦାନ କରିବାକୁ କୁହାଯାଇଥିଲା । ଛତ୍ରପୁରରେ ଚଳିତ ବର୍ଷ ଅକ୍ଟୋବର ମାସରେ ବିଭିନ୍ନ ବ୍ୟାଙ୍କ ପକ୍ଷରୁ ଦୁଇ ଦିନିଆ ଋଣ ମେଳାର ଆୟୋଜନ କରାଯାଇଥିଲା । ଉକ୍ତ ମେଳାରେ ମୋଟ ୭୭ କୋଟି ୯୬ ଲକ୍ଷ ୯୩ ହଜାର ଟଙ୍କା ଋଣ ବଣ୍ଟନ କରାଯାଇଥିବା ସୂଚନା ଦିଆଯାଇଥିଲା । ବୈଠକରେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଏଲଡିଓ ତାରିଣୀ ପାଇକ, ଏଜିଏମ ନାବାର୍ଡ ସୁମନ ସାହୁ, ଆନ୍ଧ୍ରବ୍ୟାଙ୍କ ଅତିରିକ୍ତ ଜେନେରାଲ ମ୍ୟାନେଜର ଅନୁଜ କୁମାର ପ୍ରଧାନ, ଆଇଓବି ରିଜିଓନାଲ ମ୍ୟାନେଜର ଚନ୍ଦ୍ରମଣି ଜାଲି, ଏଲଡିଏମ ଅଶୋକ କୁମାର ପଣ୍ଡାଙ୍କ ସମେତ ବିଭିନ୍ନ ବ୍ୟାଙ୍କ ଅଧିକାରୀମାନେ ଯୋଗଦେଇଥିଲେ ।

## ଓଡିଆର୍‌ପି କଲୋନୀରେ ଗୋଷ୍ଠୀକେନ୍ଦ୍ର ଭିତ୍ତିପ୍ରସ୍ତର

**ଛତ୍ରପୁର,୨୦।୧୨(ଡି.ଏନ.ଏ)**

ଛତ୍ରପୁର ଉପକଣ୍ଠରେ ଥିବା ଭାରତୀୟ ବିରଳ ମୃତ୍ତିକା (ଆଇଆର୍‌ଇ) ପ୍ଲାଣ୍ଟ ପକ୍ଷରୁ ଶୁକ୍ରବାର ଆର୍ଯ୍ୟପଲ୍ଲୀ ଓଡିଆର୍‌ପି କଲୋନୀ ନିକଟରେ ଏକ ଗୋଷ୍ଠୀ କେନ୍ଦ୍ର ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହୋଇଛି । ପ୍ଲାଣ୍ଟର ସିଏମ୍‌ଡି ଦୀପେନ୍ଦ୍ର ସିଂ ଓ ଆଇଆର୍‌ଇର ସିଜିଏମ ଏ. ଜେ. ଜନାର୍ଦ୍ଦନନ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ଗୋଷ୍ଠୀ କେନ୍ଦ୍ର ପାଇଁ ୯୦ ଲକ୍ଷ ଟଙ୍କା ବ୍ୟୟ କରାଯିବ। ଉପ ମହାପ୍ରବନ୍ଧକ (ସମ୍ବଳ) ଗତିକୃଷ୍ଣ ନାୟକ, ମୁଖ୍ୟ ପ୍ରବନ୍ଧକ କେ.ସି. ସାହୁ, ଏସ.ଏସ୍. ମଲ୍ଲିକ, ଜେ.ଏନ୍. ଷଡଙ୍ଗୀ, ଉପମହାପ୍ରବନ୍ଧକ ଆର୍. କେ.ଗୋଛାୟତ, ପି.କେ. ଦାଶ, ଆର.ପି. ଝା, ସୁରେଶ ଚନ୍ଦ୍ର ପାତ୍ରଙ୍କ ସମେତ ଗ୍ରାମବାସୀ ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ।

## ସିଏଏକୁ ସମର୍ଥନ ଜଣାଇ ଏବିଭିପିର ରାଲି

**ଫୁଲବାଣୀ ଅଫିସ, ୨୦।୧୨**

ନାଗରିକତ୍ୱ ସଂଶୋଧନ ଆଇନ (ସିସିଏ)କୁ ସମର୍ଥନ ଜଣାଇ ଜିଲା ଅଖିଳ ବିଦ୍ୟାର୍ଥି ଭାରତୀୟ ପରିଷଦ(ଏବିଭିପି) ପକ୍ଷରୁ ଶୁକ୍ରବାର ରାଲି କରାଯାଇଛି। ଏବିଭିପି କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରାରେ ସ୍ଥାନୀୟ ମାଦିକୁନ୍ଦାଛକ ପାଖରୁ ବାହାରି ସହର ପରିକ୍ରମା କରିଥିଲେ। ଏହାପରେ ସେମାନେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଏକ ସଭା କରିଥିଲେ। ଯେଉଁମାନେ ନାଗରିକତ୍ୱ ସଂଶୋଧନ ଆଇନକୁ ବିରୋଧ କରୁଛନ୍ତି ସେମାନଙ୍କୁ କଡା ସମାଲୋଚନା କରିଥିଲେ। ଲୋକଙ୍କ ମନରେ ଏହି ଆଇନକୁ ନେଇ ମିଥ୍ୟା ଧାରଣା ଦିଆଯାଉଛି। ଏହି ଆଇନ ବଳରେ ଯେଉଁମାନେ ଭାରତର ନାଗରିକ ହୋଇ ପାରୁ ନ ଥିଲେ ସେମାନେ ନାଗରିକ ହେବେ। ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିମାନେ ଜାଣିଶୁଣି ଏଭଳି କାର୍ଯ୍ୟ କରିବା ସହ ଦେଶରେ ଅଶାନ୍ତି ସୃଷ୍ଟି କରୁଛନ୍ତି, ହିଂସା ଆଦୌ ଗ୍ରହଣୀୟ ନୁହେଁ ବୋଲି ଏବିଭିପି ଜିଲା ପ୍ରମୁଖ ଶିବାଶିଷ ପଣ୍ଡା ପ୍ରକାଶ କରିଛନ୍ତି। ସହ ପ୍ରମୁଖ ବିଶ୍ୱରଞ୍ଜନ ଦାସ, ଜିଲା ସଂଯୋଜକ ବିକାଶ ନାୟକ, ଫୁଲବାଣୀ ନଗର ସମ୍ପାଦକ ଦିବ୍ୟରଞ୍ଜନ ଡାକୁଆ, ସଂଗଠନ ସମ୍ପାଦକ ସୁଦର୍ଶନ ବାରିକ, ରଜତ ମହାପାତ୍ର, ପ୍ରୀତିଜାନି ସେଠୀ, ବିଭିନ୍ନ କଲେଜର ଛାତ୍ରୀଛାତ୍ର ଉପସ୍ଥିତ ରହି ସେମାନଙ୍କ ବକ୍ତବ୍ୟ ରଖିଥିଲେ।

## କୁଲାଗଡ଼ରେ ଧାନମଣ୍ଡି ଖୋଲିଲା

**ଶେରଗଡ,୨୦।୧୨(ଡି.ଏନ୍.ଏ.)**

ଶେରଗଡ ବ୍ଲକ କୁଲାଗଡ ଗ୍ରାମରେ ଥିବା ସେବା ସମବାୟ ସମିତିରେ ଶୁକ୍ରବାର ଧାନ ମଣ୍ଡିର ଶୁଭାରମ୍ଭ ହୋଇଛି। ବ୍ଲକ ଅଧକ୍ଷା ସାରସ ସ୍ୱାଇଁ ଉପସ୍ଥିତ ରହି ଶୁଭାରମ୍ଭ କରିଥିଲେ। ଅନ୍ୟତମ ଅତିଥି ଭାବେ ବିଡିଓ ସୁରଞ୍ଜନ କୁମାର ସାହୁ ଯୋଗ ଦେଇଥିଲେ। ଯୋଗାଣ ବିଭାଗ ପକ୍ଷରୁ ଯୋଗାଣ ନିରୀକ୍ଷକ ଶରତ କୁମାର ରାଉତ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ପାତ୍ର ଉପସ୍ଥିତ ଥିଲେ। ସମ୍ପାଦକ କାମେଶ୍ୱର ଗୌଡଙ୍କ ସମେତ ବହୁ ଚାଷୀ ଯୋଗ ଦେଇଥିଲେ।

## ଜ୍ୟୋତିର୍ବିଦ ବାଇକୋଳି ବିଶାରଦଙ୍କ ଜୟନ୍ତୀ



ଉପସ୍ଥିତ ଅତିଥିବୃନ୍ଦ।

**ଖଲ୍ଲିକୋଟ,୨୦।୧୨(ଡି.ଏନ.ଏ.)**

ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ଜ୍ୟୋତିର୍ବିତ ସ୍ୱର୍ଗତ ବାଇକୋଳି ବିଶାରଦଙ୍କ ୧୧୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଖଲ୍ଲିକୋଟସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟ ପରିସରରେ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ରଥଙ୍କ ପୌରୋହିତ୍ୟରେ ଏଥିନିମନ୍ତେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ମୁଖ୍ୟଅତିଥି, ଅରୁଣ ଦେଓ ପଞ୍ଜିକାର ଗଣକ ପଣ୍ଡିତ ଲକ୍ଷ୍ମୀକାନ୍ତ ତ୍ରିପାଠୀ ମୁଖ୍ୟବକ୍ତା, ଚାରୁକଳା ମହାବିଦ୍ୟାଳୟର ଅଧକ୍ଷ ଜୟନ୍ତ କୁମାର ଦାସ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭିକାରୀ ଚରଣ ମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ବାଇକୋଳି ବିଶାରଦ ଖଲ୍ଲିକୋଟ ମାଟିର ଜଣେ କାଳଜୟୀ ପ୍ରତିଭା ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସେ ଏକାଧାରାରେ ସାହିତ୍ୟିକ, ରାଜନେତା, ଖ୍ୟାତିସମ୍ପନ୍ନ ଜ୍ୟୋତି ଥିଲେ। ଖଲ୍ଲିକୋଟ ରାଜା ତାଙ୍କୁ ଜ୍ୟୋତିଷ ବିଶାରଦ ଉପାଧି ଦେଇଥିଲେ। ଚାରୁକଳା ମହାବିଦ୍ୟାଳୟ ଅଧକ୍ଷ ବାଇକୋଳି ବିଶାରଦଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ଖଲ୍ଲିକୋଟରେ ସ୍ଥାପନ କରାଯାଉ ବୋଲି ମତ ରଖିଥିଲେ। ଜୟନ୍ତୀ ସମାରୋହରେ ପଣ୍ଡିତ ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କୁ ବାଇକୋଳି ବିଶାରଦ ସମ୍ମାନରେ ସମ୍ମାନିତ କରାଯାଇଥିଲା। ବିପିନ ବିହାରୀ ସାମନ୍ତ, ଚନ୍ଦ୍ରଶେଖର ପଟ୍ଟନାୟକ, ପୂର୍ବତନ ନଗରପାଳ ଶଙ୍କର ପ୍ରସାଦ ନାହାକ, ବାଇକୋଳି ବିଶାରଦଙ୍କ କନିଷ୍ଠ ପୁତ୍ର ଡ଼. ହରପ୍ରସାଦ ମହାପାତ୍ର, ପ୍ରମୋଦ ଚନ୍ଦ୍ର ପଟ୍ଟନାୟକ ଓ ମହାବିଦ୍ୟାଳୟର ସମସ୍ତ ଅଧାପକ ଓ ଛାତ୍ରୀଛାତ୍ର ଉପସ୍ଥିତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାଇକୋଳି ବିଶାରଦ ସ୍ମୃତି ପରିଷଦ ସମ୍ପାଦକ ଜଗଦୀଶ ଚନ୍ଦ୍ର ପାଳ ପରିଚାଳନା କରିଥିଲେ।

## ରକ୍ତଦାନ କଲେ ଉପ ଜିଲାପାଳ

**ଭଞ୍ଜନଗର,୨୦।୧୨(ଡି.ଏନ୍.ଏ.)**

ଭଞ୍ଜନଗର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ଏକ ରକ୍ତଦାନ ଶିବିର ହୋଇଥିଲା। ଉପ ଜିଲାପାଳ ରାଜେନ୍ଦ୍ର କୁମାର ମିଞ୍ଜ ପ୍ରଥମେ ରକ୍ତଦାନ କରିଥିଲେ। ଏହାପରେ ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଖଣ୍ଡର ବିଭିନ୍ନ ତହସିଲରେ କାର୍ଯ୍ୟରତ ୮୭ଜଣ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଏହି ଅବସରରେ ଉତ୍ତର ଘୁମୁସର ବନଖଣ୍ଡ ଅଧିକାରୀ ଅଭୟ କୁମାର ଦଳେଇ, ଦକ୍ଷିଣ ଘୁମୁସର ବନଖଣ୍ଡ ଅଧିକାରୀ ଏସ୍. ଏନ୍. ବେହୁରା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଡ. ପ୍ରଣବାନନ୍ଦ ପାତ୍ର, ଆର୍‌ଏମ୍‌ସି ସମ୍ପାଦକ ଦୀନବନ୍ଧୁ ଗୌଡ, ତହସିଲ ସେକ୍ସନ ଅଫିସର ଅନିଲ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।


ରକ୍ତଦାତାଙ୍କ ଗହଣରେ ଉପ ଜିଲାପାଳ।

## ୫–ଟିର ସଫଳ ରୂପାୟନ

# ୧୮ ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

**ଛତ୍ରପୁର,୨୦।୧୨(ଡି.ଏନ.ଏ)**


ପୋଲିସ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଗଞ୍ଜାମ ପୋଲିସ ଜିଲାରେ ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ପୋଲିସ କର୍ମଚାରୀଙ୍କୁ ଶୁକ୍ରବାର ଛତ୍ରପୁରସ୍ଥିତ ଏସ୍‌ପିଙ୍କ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରାଯାଇଛି । ଏସ୍‌ପି ବ୍ରିଜେଶ କୁମାର ରାଏ ସେମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୫-ଟି କାର୍ଯ୍ୟକ୍ରମ, ମୋ ସରକାରର କିଭଳି ସଫଳ ରୂପାୟନ ହେବ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। ଲୋକଙ୍କୁ ଠିକ୍ ସେବା ଯୋଗାଇଦେବା ପୋଲିସର ଲକ୍ଷ୍ୟ ବୋଲି ଏସ୍‌ପି କହିଥିଲେ। ଭଞ୍ଜନଗର ଥାନା କନଷ୍ଟେବଳ ଅମର କୁମାର ଜେନା, ଗାଙ୍ଗପୁର ଥାନା କନଷ୍ଟେବଳ ରବିନାରାୟଣ ମିଶ୍ର, ବଡଗଡ ଥାନା କନଷ୍ଟେବଳ ଆଲୋକ ରଞ୍ଜନ ତ୍ରିପାଠୀ, ଚମାଖଣ୍ଡି ଥାନା କନଷ୍ଟେବଳ ରମେଶ ମହାପାତ୍ର, ଛତ୍ରପୁର ଥାନା କନଷ୍ଟେବଳ ଆର୍ ସନ୍ତୋଷ ରେଡ୍ଡୀ ସମ୍ବର୍ଦ୍ଧିତ ହୋଇଛନ୍ତି। ସେହିପରି ଆସିକା ଥାନା ହୋମଗାର୍ଡ ସୁଧୀର କୁମାର ବେହେରା ଓ ଖଲ୍ଲିକୋଟ ଥାନା ହୋମଗାର୍ଡ ବିପ୍ର ଦାସଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ଅନଲାଇନ୍ କାମ ପାଇଁ ଆସିକା ଥାନା କନଷ୍ଟେବଳ ଜଗନ୍ନାଥ ସ୍ୱାଇଁ ଓ ସୁମତି ଦାସ, ଭଞ୍ଜନଗର ଥାନା କନଷ୍ଟେବଳ ନରହରି ଗୌଡ, ହିଞ୍ଜିଳି ଥାନା କନଷ୍ଟେବଳ କେ. ଶଙ୍କର ରାଓ, ବୁଗୁଡା ଥାନା କନଷ୍ଟେବଳ ବିଦ୍ୟୁତ୍ ରଞ୍ଜନ ନାୟକ, ଜଗନ୍ନାଥପ୍ରସାଦ ଥାନା କନଷ୍ଟେବଳ ରଞ୍ଜନ କୁମାର ଆଚାର୍ଯ୍ୟ, ଖଲ୍ଲିକୋଟ ଥାନା କନଷ୍ଟେବଳ ହରିହର ମୁଦୁଲି, ପାଟପୁର ଥାନା କନଷ୍ଟେବଳ ମାସନ ରଞ୍ଜନ ବେହେରା, ଚମାଖଣ୍ଡି ଥାନା କନଷ୍ଟେବଳ ସନ୍ତୋଷ କୁମାର ରାଉଳ, ପୋଲସରା ଥାନା କନଷ୍ଟେବଳ ଆର୍. ପ୍ରକାଶ ରେଡ୍ଡୀ, ତାରସିଂ ଥାନା କନଷ୍ଟେବଳ ଅଶ୍ୱିନୀ କୁମାର ପଟ୍ଟନାୟକ ଓ ସୋରଡା ଥାନା ହୋମଗାର୍ଡ ହିମାଂଶୁ ଶେଖର ପାଣିଗ୍ରାହୀ ସମ୍ବର୍ଦ୍ଧିତ ହୋଇଛନ୍ତି। କାର୍ଯ୍ୟକ୍ରମରେ ଅତିରିକ୍ତ ଏସପି ପତିତପାବନ ଚୌଧୁରୀ ଓ ଠାକୁର ପ୍ରସାଦ ପାତ୍ର, ଡିଏସପି ଉତ୍କଳ କେଶରୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ, ଜେଲ ଗଲେ ଶିକ୍ଷକ

ଭଞ୍ଜନଗର,୨୦।୧୨(ଡି.ଏନ୍.ଏ.)- ତାରସିଂ ପୋଲିସ ଶୁକ୍ରବାର ମହିଳାଙ୍କୁ ଆକ୍ରମଣ ଅଭିଯୋଗରେ ଜଣେ ଶିକ୍ଷକଙ୍କୁ ଗିରଫ କରିଛି। ସେ ହେଲେ ପ୍ରତାପୁରର ଶଙ୍କର ନାୟକ। ମହିଳାଙ୍କ ଏତଲାକ୍ରମେ ନଂ.୧୯୫/୧୯ରେ ମାମଲା ରୁଜୁ କରିଛି ପୋଲିସ। ଅଭିଯୁକ୍ତଙ୍କୁ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ଥାନାଧିକାରୀ ସବ୍ୟସାଚୀ ମଲ୍ଲ କହିଛନ୍ତି। ଶଙ୍କର ଗୁରୁବାର ସନ୍ଧ୍ୟାରେ ଗ୍ରାମର ଏକ ଦୋକାନକୁ ପରିବା କିଣିବାକୁ ଯାଇଥିଲେ। ଏହି ସମୟରେ ଜଣେ ମହିଳାଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାପରେ ଶଙ୍କର ମହିଳାଙ୍କ ଗାଲକୁ କାମୁଡି ଦେଇଥିଲେ। ଫଳରେ ମହିଳା ଜଣଙ୍କ ରାତିରେ ହିଁ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋଲିସ ଶୁକ୍ରବାର ଶଙ୍କରକୁ ଗିରଫ କରିଛି।

### ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ: ଫାଇନାଲ୍‌ରେ ଗୁମ୍ମା

ଆସିକା,୨୦।୧୨(ଡି.ଏନ୍.ଏ.)- ଆସିକା ଟାଉନ୍‌ହଲ୍‌ଠାରେ ଚାଲିଥିବା ରାଜ୍ୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍ ଶୁକ୍ରବାର ଗୁମ୍ମା ଦଳ ଓ ବ୍ରହ୍ମପୁର ପାୱାର୍ ସିକ୍ସ ଦଳ ମଧ୍ୟରେ ହୋଇଥିଲା। ଗୁମ୍ମା ୩-୧ ସେଟରେ ବ୍ରହ୍ମପୁର ପାୱାର୍ ସିକ୍ସକୁ ପରାଜିତ କରି ଫାଇନାଲ୍‌କୁ ପ୍ରବେଶ କରିଛି। ପାୱାର୍ ସିକ୍ସ ଦଳର ରଜତ ନାୟକ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗଞ୍ଜାମ ଜିଲା ଭଲିବଲ୍ ମହାସଂଘର ସଭାପତି ହୃଷିକେଶ ମହାପାତ୍ର ମୁଖ୍ୟଅତିଥି ରୂପେ ଯୋଗଦେଇ ରଜତଙ୍କୁ ସମ୍ମାନିତ କରିଥିଲେ। ଖେଳ ପରିଚାଳନା କରିଥିଲେ ସ୍ୱଦେଶ ଦଳେଇ। ପୋଲସରାର ବୟୋଜ୍ୟେଷ୍ଠ ଖେଳାଳି ପ୍ରସନ୍ନ କୁମାର ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବରୁ ବିଜୟୀ ହୋଇଥିବା ମୋହନା ଦଳ ଓ ଗୁମ୍ମା ଦଳ ମଧ୍ୟରେ ଫାଇନାଲ୍ ମ୍ୟାଚ୍ ରବିବାର ଖେଳାଯିବ।

# ଶିକ୍ଷକ ଅଭାବ, ପାଠ ପଢ଼ାଇଲେ ମଙ୍ଗଳ ଅଧିକାରୀ

## ୧୫ ଦିନ ମଧ୍ୟରେ ଶିକ୍ଷକ ନିଯୁକ୍ତି ପ୍ରତିଶ୍ରୁତି

**ଫିରିଙ୍ଗିଆ,୨୦।୧୨**


ଜିଲା ମଙ୍ଗଳ ଅଧିକାରୀ ପିଲାମାନଙ୍କୁ ପଢ଼ାଉଛନ୍ତି।

ସେବାଶ୍ରମରେ ଶିକ୍ଷକ ନିଯୁକ୍ତି ପାଇଁ ଅନେକ ଦିନରୁ ଦାବି ଜଣାଇ ଆସୁଛନ୍ତି ଗ୍ରାମବାସୀ। ତଥାପି ଶିକ୍ଷକ ନିଯୁକ୍ତି କରୁନାହିଁ ପ୍ରଶାସନ। ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତର କାଙ୍ଗାପଡା ସେବାଶ୍ରମରେ ଦେଖିବାକୁ ମିଳିଛି ଏପରି ଘଟଣା। ଅନେକ ଦିନ ଧରି ଶିକ୍ଷକ ଅଭାବ ଜନିତ ସମସ୍ୟା ଲାଗି ରହିଥିବାରୁ ଶତାଧିକ ଗ୍ରାମବାସୀ ବୁଧବାର କନ୍ଧମାଳ ଜିଲାପାଳଙ୍କୁ ଭେଟି ଲିଖିତ ଭାବେ ଜଣାଇଥିଲେ। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲା ଗ୍ରାମ ମଙ୍ଗଳ ଅଧିକାରୀ ଶେଷଦେବ ବେହେରା ଗୁରୁବାର ଉକ୍ତ ବିଦ୍ୟାଳୟ ପରିଦର୍ଶନରେ ଯାଇଥିଲେ। ବିଦ୍ୟାଳୟରେ ୨୧୬ ଛାତ୍ରୀଛାତ୍ର ଥିବାବେଳେ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି। ଶିକ୍ଷକ ଅଭାବରୁ ପାଠପଢା ଗୁରୁତର ବାଧାପ୍ରାପ୍ତ ହେଉଛି। ଏହାର ସମାଧାନ ପାଇଁ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ଶିକ୍ଷକ ନ ଥିବାରୁ ପିଲାଙ୍କୁ ନିଜେ ମଙ୍ଗଳ ଅଧିକାରୀ ପାଠ ପଢାଇଥିଲେ।

ତେବେ ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ କି ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ପଚାରିବାରୁ, ଫିରିଙ୍ଗିଆ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ରବୀନ୍ଦ୍ର ବେହେରା କହିଛନ୍ତି ଯେ, ମଙ୍ଗଳ ଅଧିକାରୀ ବିଦ୍ୟାଳୟ ପରିଦର୍ଶନ ପରେ ସମାଧାନ ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉଛି। ୧୫ ଦିନ ମଧ୍ୟରେ ବିଦ୍ୟାଳୟକୁ ସ୍ଥାୟୀ ଶିକ୍ଷକ ଯୋଗାଇ ଦିଆଯିବା ସହ ମାଟ୍ରନ ମଧ୍ୟ ନିଯୁକ୍ତି ହେବେ ବୋଲି ସେ ଜଣାଇଛନ୍ତି।




# ଘରପଟ୍ଟା ପାଇଁ ମେଳି ବାନ୍ଧିଲେ ସହରବାସୀ

## ପଦକ୍ଷେପ ନିଆ ନ ଗଲେ ଆନ୍ଦୋଳନ


ବୈଠକରେ ଉପସ୍ଥିତ ଲୋକେ।

**ଗଞ୍ଜାମ,୨୦।୧୨(ଡି.ଏନ.ଏ.)**
ଗଞ୍ଜାମ ତହସିଲ ଅଧୀନ ଗଞ୍ଜାମ ସହରବାସୀ ଗ୍ରାମକଣ୍ଟକ ପ୍ଲଟ ନଂ. ୪୪୪ ଘରପଟ୍ଟା ପାଇଁ ବାରମ୍ବାର ଦାବି କରି ଆସୁଛନ୍ତି। ଦୀର୍ଘବର୍ଷ ହେବ ଏହି ସମସ୍ୟା ସମାଧାନ ହେଉ ନ ଥିବାରୁ ଶୁକ୍ରବାର ସହରବାସୀ ମେଳି ବାନ୍ଧିଥିଲେ। ବଡ଼ବଜାରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ବୃନ୍ଦାବନ ତରାଇଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ୨୩ରେ ସହରବାସୀ ତହସିଲ କାର୍ଯ୍ୟାଳୟ ଯାଇ ଘରପଟ୍ଟା ପ୍ରଦାନ କରିବା ନିମନ୍ତେ ତହସିଲଦାରଙ୍କୁ ଅବଗତ କରାଇବାକୁ ନିଷ୍ପତ୍ତି ନିଆଯାଇଥିଲା। ଏଥିପାଇଁ ତହସିଲ ଚାଲ ଅଭିଯାନ ଆରମ୍ଭ ହେବ । ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରା ନ ଗଲେ ଗଣତାନ୍ତ୍ରିକ ପଦ୍ଧତିରେ ଆନ୍ଦୋଳନ କରାଯିବ ବୋଲି ମତ ପ୍ରକାଶ ପାଇଥିଲା। ବୈଠକରେ ପୂର୍ବତନ ଏମପି ପ୍ରତିନିଧି ସୁଧୀର କୁମାର ପାଢ଼ୀ, କିଶୋର ମହାପାତ୍ର, ଲିଙ୍ଗରାଜ ପଟ୍ଟନାୟକ, ସୁଦାମ ପଲାଇ, ବାବୁଲି ପଣ୍ଡା, ସୁଦାମ ଜେନା, ଡ଼ମ୍ବରୁ ବ୍ରହ୍ମାଙ୍କ ସମେତ ୨୦୦ରୁ ଉପସ୍ଥିତ ଥିଲେ।

■ ସ୍ୱାମୀ ମାଡ଼ରେ ସ୍ତ୍ରୀଙ୍କ ହାତଗୋଡ଼ ଭାଙ୍ଗିବା ଘଟଣା

# ନ୍ୟାୟ ପାଇଁ ରାସ୍ତାରେ ଶୋଇ ମହିଳାଙ୍କ ଧାରଣା

**ଜଗନ୍ନାଥପ୍ରସାଦ,୨୦।୧୨(ଡି.ଏନ.ଏ.)**
ଜଗନ୍ନାଥପ୍ରସାଦ ଥାନା ପଞ୍ଚୁଭୂତି ମୁଖ୍ୟ ରାସ୍ତା ୨୧ ନଂ. ରାଜ୍ୟ ରାଜପଥରେ ଶୁକ୍ରବାର ଏକ ଅଭାବନୀୟ ଦୃଶ୍ୟ ଦେଖିବାକୁ ମିଳିଛି। ୨ ଗୋଡ଼, ବାମ ହାତ ଭାଙ୍ଗି ଯାଇଥିବା ଜଣେ ମହିଳା ୬ ବର୍ଷର ପୁଅକୁ ଧରି ରାସ୍ତା ଉପରେ ଶୋଇ ନ୍ୟାୟ ମାଗୁଥିଲେ। ତାଙ୍କର ଏପରି ଦଶା କରିଥିବା ସ୍ୱାମୀଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରୁଥିଲେ। ଫଳରେ ୨ରୁ ୩ ଘଣ୍ଟା ରାଜପଥ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ପ୍ରଶାସନ ପହଞ୍ଚି ବୁଝାଶୁଝା କରି ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରିଥିଲେ।

ପରିବାର ଲୋକଙ୍କଠାରୁ ମିଳିଥିବା ସୂଚନା ପ୍ରକାରେ, କରସିଂ ଗ୍ରାମର ଚୈତନ୍ୟ ପ୍ରସାଦ ସାହିର ପଦ୍ମ ସାହୁ (ବିବାହିତ)ଙ୍କ ଘରକୁ ପଞ୍ଚୁଭୂତି ଗ୍ରାମର ତୋଫାନ ନାୟକଙ୍କ ଝିଅ ହୀରା ୭ବର୍ଷ ତଳେ କାମ କରିବାକୁ ଯାଇଥିଲେ। ପରେ ପଦ୍ମ ତାଙ୍କୁ ବିବାହ କରି ଅନ୍ୟତ୍ର ନେଇ ରଖିଥିଲେ। ସେମାନଙ୍କ ଏକ ୬ବର୍ଷର ପୁତ୍ର ସନ୍ତାନ ଅଛି। ବିଭିନ୍ନ ସମୟରେ ସେ ହୀରାଙ୍କୁ ମାର୍‌ପିଟ୍ କରୁଥିଲେ। ଏପରିକି ମାସେ ତଳେ ମାରି ଗୋଡହାତ ଭାଙ୍ଗି ଦେଇଥିବାବେଳେ ଚିକିତ୍ସା ମଧ୍ୟ କରିଥିଲେ। ପୁଣି ଗତ ରବିବାର ଅରବିନ୍ଦ ନଗରରେ ଏକ ଭଡାଘରେ ରଖି ମାଡ ମାରି ଗୋଡହାତ ଭାଙ୍ଗି ଦେଇଥିଲେ। ସାହି ଲୋକଙ୍କ ଠାରୁ ଖବର ପାଇ ବୁଗୁଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ପଦ୍ମ ଖସି ପଳାଇଥିଲେ। ଏ ନେଇ ହୀରାଙ୍କ ବାପା ତୋଫାନ ନାଇକଙ୍କ ଅଭିଯୋଗ ପ୍ରକାରେ ନଂ.୨୧୮/୧୯ ରେ ବୁଗୁଡା ଥାନାରେ ମାମଲା ରୁଜୁ ହୋଇଛି। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ନ୍ୟାୟ ପାଇଁ ରାସ୍ତାକୁ ଆସିଥିବା ହୀରା କହିଛନ୍ତି। ବର୍ତ୍ତମାନ ହୀରାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପ୍ରଶାସନ ପକ୍ଷରୁ ଏସ୍‌ଆଇ ଅମ୍ବିକା ବେଣିଆ, ତହସିଲଦାର ବାସୁଦେବ ପାଣ୍ଡେ, ଏଟିଓ ବାରିଆଲ ମୁର୍ମୁ ପ୍ରମୁଖ ମହିଳାଙ୍କୁ ବୁଝାଶୁଝା ସହ ଚିକିତ୍ସା ବ୍ୟବସ୍ଥା କରିଥିଲେ।

# ସୁରକ୍ଷା ବ୍ୟବସ୍ଥା ତଦାରଖ କଲେ ଜିଲାପାଳ


ସମୁଦ୍ର ମଧ୍ୟରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି ଜିଲାପାଳ।

**ଗଞ୍ଜାମ,୨୦।୧୨(ଡି.ଏନ.ଏ.)**
ଗଞ୍ଜାମ ଜିଲା ପୁରୁଣାବନ୍ଧ ଗ୍ରାମ ଋଷିକୁଲ୍ୟାସ୍ଥିତ ସମୁଦ୍ର ବେଳାଭୂମିଠାରେ ଗତ ନଭେମ୍ବରରୁ ଆରମ୍ଭ ହୋଇଥିବା ଅଲିଭ ରିଡ୍‌ଲେ କଇଁଛଙ୍କ ମିଳନ ପ୍ରକ୍ରିୟା ଅବ୍ୟାହତ ରହିଛି। ଶୁକ୍ରବାର ଅପରାହ୍ନରେ

### କଇଁଛଙ୍କ ମିଳନ ପ୍ରକ୍ରିୟା ଜାରି

ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ବୋଟରେ ସମୁଦ୍ର ଭିତରକୁ ଯାଇ ମିଳନ ପ୍ରକ୍ରିୟା ବୁଲି ଦେଖିବା ସହ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ। ଜିଲାପାଳଙ୍କ ସହ ଜିଲା ବନଖଣ୍ଡ ଅଧିକାରୀ (ଡିଏଫଓ) ଅମ୍ଲାନ ନାୟକ, ଖଲ୍ଲିକୋଟ ରେଞ୍ଜର ଦିଲୀପ କୁମାର ମାର୍ଥା, ରମ୍ଭା ବନାଞ୍ଚଳ ଅଧିକାରୀ ସୋମନାଥ ମଲିକ ପ୍ରମୁଖ ଉପସ୍ଥିତ ଥିଲେ। କଇଁଛଙ୍କ ମିଳନ ପ୍ରକ୍ରିୟା ଜାନୁୟାରୀ ଶେଷ ସପ୍ତାହ ପର୍ଯ୍ୟନ୍ତ ଚାଲିବ ଏବଂ ଫେବୃୟାରୀ ପ୍ରଥମ କିମ୍ବା ଦ୍ୱିତୀୟ ସପ୍ତାହରେ ଗଣ ଅଣ୍ଡାଦାନ ପ୍ରକ୍ରିୟା ଚାଲୁ ରହିବ ବୋଲି ବନ ବିଭାଗ ପୂର୍ବାନୁମାନ କରିଛି। ଏଥିପାଇଁ ସମସ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ଜିଲାପାଳଙ୍କୁ ବନ ବିଭାଗ ପକ୍ଷରୁ କୁହାଯାଇଥିଲା।




# ଚୋରି ମାମଲାରେ ଅଭିଯୁକ୍ତ ଦୋଷୀ

**ଛତ୍ରପୁର,୨୦।୧୨(ଡି.ଏନ୍.ଏ.)**

ଚମାଖଣ୍ଡି ଥାନା ରାମପଲ୍ଲୀ ଗାଁର ଅଭିରାମ ସ୍ୱାଇଁଙ୍କ ଘରୁ ୧୪ ହଜାର ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିଲା। ଏହି ମାମଲାରେ ଅଭିଯୁକ୍ତ ସୁନୀଲ ମୋହନ ସ୍ୱାଇଁ ଓରଫ ଭିକି ଦୋଷୀ ସାବ୍ୟସ୍ତ ହୋଇଛନ୍ତି। ଛତ୍ରପୁର ଏସଡିଜେଏମ୍ ସନ୍ତୋଷ ପାଣିଗ୍ରାହୀ ମାମଲାର ଶୁଣାଣି କରି ଉକ୍ତ ରାୟ ପ୍ରକାଶ କରିଛନ୍ତି।

ଗତ ଜାନୁୟାରୀ ୧ ତାରିଖ ରାତିରେ ଘରେ ଏକୁଟିଆ ଥିବା ଅଭିରାମ ତଳ ଘରେ ଟିଭି ଦେଖୁଥିଲେ । ହଠାତ୍ ଉପର ଘରରୁ କିଛି ଶବ୍ଦ ଶୁଣି ସେ ତାଙ୍କ ଭାଇଙ୍କୁ ଡାକିଥିଲେ । ପରେ ଉଭୟେ ଉପର ଘରକୁ ଯାଇ ଟର୍ଚ୍ଚ ମାରିବାରୁ ଭିକି ସେଠାରୁ ଚମ୍ପଟ ମାରିଥିଲେ। ଘରୁ ୧୪ ହଜାର ଟଙ୍କା ଓ ସୁନା ଅଳଙ୍କାର ଚୋରି ହୋଇଥିବା ନେଇ ୨ ତାରିଖରେ ଅଭିରାମ ଚମାଖଣ୍ଡି ଥାନାରେ ଏତଲା ଦେଇଥିଲେ । ପୋଲିସ ଏକ ମାମଲା (ନଂ.୨/୧୯) ରୁଜୁ କରିଥିଲା। ଏହି ମାମଲାରେ ଏହି ମାମଲାରେ ୯ ଜଣଙ୍କ ସାକ୍ଷ୍ୟ ଗ୍ରହଣ ହୋଇଥିଲା। ଦୋଷୀ ସୁନୀଲଙ୍କୁ କୋର୍ଟ ଭର୍ତ୍ସନା କରିଥିଲେ । ତେବେ ପ୍ରୋହିବିଶନ ଅଫ୍ ଅଫେଣ୍ଡର୍ସ ଆକ୍ଟର ସେକ୍ସନ ୩ରେ ସୁନୀଲଙ୍କୁ କୋର୍ଟ ଛାଡି ଦେଇଥିଲେ ମଧ୍ୟ ଭବିଷ୍ୟତରେ ଏପରି ନ କରିବାକୁ ତାଗିଦ୍ କରିଛନ୍ତି। ସରକାରଙ୍କ ପକ୍ଷରୁ କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ମାମଲା ପରିଚାଳନା କରୁଥିଲେ ।

## ବ୍ରାହ୍ମଣଛାଇରେ ଜଣଙ୍କୁ ଆକ୍ରମଣ ମାମଲା

# ୩ ଦୋଷୀଙ୍କୁ ୨ ବର୍ଷ ସଶ୍ରମ କାରାଦଣ୍ଡ

**ଛତ୍ରପୁର,୨୦।୧୨(ଡି.ଏନ୍.ଏ.)**

ଛତ୍ରପୁର ସହକାରୀ ଦୌରାଜଜ୍ ସ୍ୱୟଂପ୍ରଭା ଆଚାର୍ଯ୍ୟ ୨୦୧୨ରେ ହିଞ୍ଜିଳି ଥାନା ବ୍ରାହ୍ମଣଛାଇରେ ଜଣଙ୍କୁ ହୋଇଥିବା ଆକ୍ରମଣ ମାମଲାର ବିଚାର କରି ଶୁକ୍ରବାର ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ପ୍ରତ୍ୟେକ ଦୋଷୀ ୨ ବର୍ଷ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବେ। ଏଥିସହ ୨ ହଜାର ଟଙ୍କା ଲେଖାଏଁ ଜରିମାନା ଦେବେ। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲ୍ ଭୋଗିବେ। ହିଞ୍ଜିଳି ଥାନା ବ୍ରହ୍ମଣଛାଇ ଗାଁର କୃଷ୍ଣଚନ୍ଦ୍ର ଦଳେଇ, ନୟନ କୁମାର ମଲ୍ଲିକ ଓ କୃଷ୍ଣଚନ୍ଦ୍ର ଆପଟ ଏହି ଦଣ୍ଡ ପାଇଛନ୍ତି। ୧୦ ଜଣଙ୍କ ସାକ୍ଷ୍ୟ ଗ୍ରହଣ ପରେ କୋର୍ଟ ଏହି ରାୟ ଶୁଣାଇଛନ୍ତି।

୨୦୧୨ ଜୁନ୍ ୧୯ ତାରିଖରେ ବ୍ରାହ୍ମଣଛାଇ ଗାଁ ନିକଟ ଏକ ଶଙ୍ଖ ପାର୍ଶ୍ୱରେ ଉକ୍ତ ଗାଁର ଗୌର ହରି ପ୍ରଧାନଙ୍କୁ ଠେଙ୍ଗା ଓ କାତିରେ ଆକ୍ରମଣ କରାଯାଇଥିଲା। ପରଦିନ ଅର୍ଥାତ୍ ୨୦ ତାରିଖରେ ଆହତ ଗୌରହରିଙ୍କ ମା' ଗୋଲାପ ଏ ନେଇ ହିଞ୍ଜିଳି ଥାନାରେ ଏତଲା ଦେଇଥିଲେ। ପୋଲିସ ଏକ ମାମଲା (ନଂ.୮୪/୧୨) ରୁଜୁ କରିଥିଲା। କୋର୍ଟରେ ସରକାରଙ୍କ ପକ୍ଷରୁ ଓକିଲ ପ୍ରଦୀପ ପାତ୍ର ମାମଲା ପରିଚାଳନା କରୁଥିଲେ।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ